# NATIONAL NEWS BULLETIN (ODIA)

**26 October- 2025**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ଛଟ୍ ମହାପର୍ବ ସଂସ୍କୃତି, ପ୍ରକୃତି ଓ ସମାଜର ଦୃଢ଼ ଏକତାର ପ୍ରତିଫଳନ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିବା ଅବସରରେ କୋରାପୁଟ କଫିର କଲେ ପ୍ରଶଂସା ।

- ମାଲେସିଆର କ୍ୱାଲାଲାମପୁରଠାରେ ଆରମ୍ଭ ହେଲା ଏସିଆନ ବାର୍ଷିକ ଶିଖର ସମ୍ମିଳନୀ ।

- ସେଚେଲ୍ସକୁ ଦୁଇଦିନିଆ ଗସ୍ତରେ ଗଲେ ଉପରାଷ୍ଟ୍ରପତି ।

- ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଇଂଲଣ୍ଡ ସମ୍ମୁଖରେ ୧୬୯ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କଲା ନ୍ୟୁଜିଲାଣ୍ଡ ।

ଏବଂ

- ଦକ୍ଷିଣପୂର୍ବ ବଙ୍ଗୋପ ସାଗରରେ ସୃଷ୍ଟ ଲଘୁଚାପ ମଙ୍ଗଳବାର ସୁଦ୍ଧା ଗଭୀର ଘୂର୍ଣ୍ଣିଝଡ଼ରେ ପରିବର୍ତ୍ତନ ହେବ ବୋଲି ପାଣିପାଗ ବିଭାଗର ଆକଳନ ।

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଛଟ୍ ମହାପର୍ବ ସଂସ୍କୃତି, ପ୍ରକୃତି ଓ ସମାଜର ଦୃଢ଼ ଏକତାର ପ୍ରତିଫଳନ । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସମାଜର ପ୍ରତ୍ୟେକ ବର୍ଗ ଛଟ୍ ଘାଟରେ ଏକାଠି ହୁଅନ୍ତି, ଯାହାକି ସାମାଜିକ ଏକତାର ଏକ ସବୁଠାରୁ ବଡ ଉଦାହରଣ । ଏହି ଅବସରରେ ଶ୍ରୀ ମୋଦୀ ସଂପ୍ରତି ନାଗରିକଙ୍କୁ ଲେଖିଥିବା ଚିଠି ସମ୍ପର୍କରେ ଆଲୋକପାତ କରିଛନ୍ତି । ବହୁ ନାଗରିକ ତାଙ୍କ ଚିଠିର ଉତ୍ତର ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି ।

ଅପରେସନ ସିନ୍ଦୂର ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ମାଓ ଆତଙ୍କମୁକ୍ତ ଅଞ୍ଚଳଗୁଡ଼ିକରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଦୀପାବଳୀ ପାଳନ କରାଯାଇଛି ।

ଜିଏସ୍‌ଟି ସଞ୍ଚୟ ଉତ୍ସବ ଲୋକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ପାର୍ବଣ ଋତୁରେ ସ୍ୱଦେଶୀ ସାମଗ୍ରୀ କ୍ରୟ ବୃଦ୍ଧି ପାଇଛି ।

**V/O (GST)**

ସ୍ୱଚ୍ଛତା ପ୍ରୟାସ ନେଇ ଦେଶର ବିଭିନ୍ନ ସ୍ଥାନରେ ଲୋକଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଲୁଣା ଜଙ୍ଗଲର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସୁନାମି ତଥା ଘୂର୍ଣ୍ଣିବାତ୍ୟା ଭଳି ବିପର୍ଯ୍ୟୟ ସମୟରେ

ଉପକୂଳ ସୁରକ୍ଷା ଦିଗରେ ଏହା ବେଶ୍ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଥାଏ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଗତବର୍ଷ ଲକ୍ଷ୍ନୌରେ ଅନୁଷ୍ଠିତ ସର୍ବଭାରତୀୟ ପୁଲିସ ବୃତ୍ତିଗତ ସମ୍ମିଳନୀରେ ବିଏସ୍ଏଫ୍ ଦ୍ୱାରା ତାଲିମପ୍ରାପ୍ତ ଭାରତୀୟ ପ୍ରଜାତିର କୁକୁର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ମାଓ ପ୍ରଭାବିତ ଅଞ୍ଚଳରେ କୁକୁରଙ୍କର ସଫଳ ଉପଯୋଗ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ୩୧ ତାରିଖରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଜନ୍ମବାର୍ଷିକୀ ପାଳନ କରାଯିବ । ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଗୁଜୁରାଟର ଏକତା ନଗରସ୍ଥିତ ‘ଷ୍ଟାଚ୍ୟୁ ଅଫ୍ ୟୁନିଟ୍’ ଠାରେ ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହେବ । ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଦେଶ ପାଇଁ ଏକ ସ୍ୱତନ୍ତ୍ର ଅବସର ଆଣିଦେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ସର୍ଦ୍ଦାର ପଟେଲ ଦେଶର ଅମଲାତାନ୍ତ୍ରିକ ଢ଼ାଞ୍ଚା ପାଇଁ ଏକ ଦୃଢ଼ ମୁଳଦୁଆ ସ୍ଥାପନ କରିଥିଲେ । ଆସନ୍ତା ୩୧ରେ ସମଗ୍ର ଦେଶରେ ଆୟୋଜିତ ହେବାକୁ ଥିବା ‘ରନ୍ ଫର୍ ୟୁନିଟି’ରେ ଅଂଶଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଓଡ଼ିଶାର କୋରାପୁଟ କଫି ବିଷୟରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି କୋରାପୁଟ କଫିର ସ୍ୱାଦ ଆଶ୍ଚର୍ଯ୍ୟଜନକ ଏବଂ କଫି ଚାଷ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସୁଫଳ ପ୍ରଦାନ କରୁଛି । ଏପରିକି ଚାକିରି ଛାଡ଼ି କୋରାପୁଟର କିଛି ବାସିନ୍ଦା ସଫଳତାର ସହ କଫି ଚାଷ କରୁଛନ୍ତି

ବୋଲି ପ୍ରଧାନମନ୍ତ୍ରୀକ କହିଛନ୍ତି । କୋରାପୁଟ କଫିକୁ ସେ ଓଡ଼ିଶାର ଗର୍ବ ବୋଲି ବର୍ଣ୍ଣନା କରିଛନ୍ତି ।

**V/O (Coffee)**

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତା ମାସ ୭ ତାରିଖରେ ଭାରତ ବନ୍ଦେ ମାତରଂ ପାଳନର ୧୫୦ତମ ବର୍ଷରେ ପ୍ରବେଶ କରିବ । ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି କବିତାଟି ୧୮୯୬ ମସିହାରେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର ପ୍ରଥମଥର ପାଇଁ ଗାଇଥିଲେ । ଏହି ଗୀତଟି ଶତାବ୍ଦୀର ଦାସତ୍ୱ ଦ୍ୱାରା ଦୁର୍ବଳ ହୋଇପଡିଥିବା ଦେଶବାସୀଙ୍କ ଜୀବନରେ ନୂତନ ସ୍ଫୁର୍ତ୍ତି ଭରି ଦେଇଥିଲା ।

**V/O (PM Bande Mataram)**

ପ୍ରଧାନମନ୍ତ୍ରୀ କହିଛନ୍ତି ଏକଦା ସଂସ୍କୃତ ଯୋଗାଯୋଗର ଭାଷା ରହିଥିଲା । ତେବେ ସ୍ୱାଧୀନତା ପରେ ସଂସ୍କୃତ ଭାଷାର ବ୍ୟବହାର କ୍ରମଶଃ ହ୍ରାସ ପାଇଥିଲା । ସାମାଜିକ ଗଣମାଧ୍ୟମ ସଂସ୍କୃତକୁ ଏକ ନୂତନ ଜୀବନ ପ୍ରଦାନ କରୁଥିବାରୁ ପ୍ରଧାନମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଆସନ୍ତାମାସ ୧୫ ତାରିଖରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯିବ ।

# ଏସିଆନ

ମାଲେସିଆର କ୍ୱାଲାଲାମପୁରଠାରେ ଆଜିଠାରୁ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରସଂଘ ଏସିଆନ ବାର୍ଷିକ ଶିଖର ସମ୍ମିଳନୀ ଆରମ୍ଭ ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ବହୁ ବିଶ୍ୱନେତା ଏଥିରେ ଯୋଗ ଦେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଏସିଆନ-ଭାରତ ଶିଖର ସମ୍ମିଳନୀକୁ ସମ୍ବୋଧନ କରିବେ । ଦୁଇଦିନିଆ ସମ୍ମିଳନୀରେ ବାଣିଜ୍ୟ, ସୁରକ୍ଷା, ଆଞ୍ଚଳିକ ସ୍ଥିରତା ପ୍ରମୁଖ ପ୍ରସଙ୍ଗ ରହିବ ବୋଲି ଆଶା କରାଯାଉଛି । ଏସିଆର ସବୁଠାରୁ କ୍ଷୁଦ୍ରତମ ରାଷ୍ଟ୍ର ପୂର୍ବତିମୋର ଆଜି ସଂଘରେ ୧୧ତମ ସଦସ୍ୟ ଭାବେ ସାମିଲ ହୋଇଛି ।

# ଭିପି-ସେଚେଲ୍ସ

ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ଦୁଇଦିନିଆ ସେଚେଲ୍ସ ଗସ୍ତରେ ଯାଇଛନ୍ତି । ସେଠାକାର ନବନିର୍ବାଚିତ ରାଷ୍ଟ୍ରପତି ଡକ୍ଟର ପାଟ୍ରିକ ହର୍ମିନେଇଙ୍କ ଶପଥଗ୍ରହଣ ସମାରୋହରେ ଉପରାଷ୍ଟ୍ରପତି ଯୋଗଦେବେ । ଏହି ଗସ୍ତ ଅବସରରେ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଡକ୍ଟର ହର୍ମିନେଇଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଭାରତର ଭିଜନ ମହାସାଗର ଅଭିଯାନରେ ସେଚେଲ୍ସ

ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଦେଶ । ଉପରାଷ୍ଟ୍ରପତିଙ୍କ ଏହି ଗସ୍ତ ଦ୍ୱିପାକ୍ଷିକ ସହଭାଗିତାକୁ ଅଧିକ ମଜଭୁତ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ଆର୍ୟାଲ୍ୟାଣ୍ଡ ପ୍ରେସିଡେଣ୍ଟ

ଆର୍ୟାଲ୍ୟାଣ୍ଡର ଦଶମ ରାଷ୍ଟ୍ରପତି ଭାବେ ଶ୍ରୀମତୀ କାଥରିନ କନୋଲି ନିର୍ବାଚିତ ହୋଇଛନ୍ତି । ସ୍ୱାଧୀନ ବାମପନ୍ଥୀ ରାଜନେତା ଶ୍ରୀମତୀ କନୋଲି ପ୍ରତିଦ୍ୱନ୍ଦ୍ୱି ହେଥାର ହମଫ୍ରିସଙ୍କୁ ପରାସ୍ତ କରିଛନ୍ତି । ଜଣେ ଅଭିଜ୍ଞ ରାଜନେତା ଏବଂ ରାଜନୈତିକ ପ୍ରଦର୍ଶନକାରୀ ଶ୍ରୀମତୀ କନୋଲି ୨୦୧୬ ମସିହାରୁ ଗଲୱେ ପଶ୍ଚିମ ନିର୍ବାଚନ ମଣ୍ଡଳୀ ପାଇଁ ସଂସଦ ସଦସ୍ୟ ଅଛନ୍ତି ଏବଂ ଆଇରିସ ସଂସଦର ଡେପୁଟୀ ସ୍ପିକର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି ।

## ଆଇଏମ୍‌ଡି ଓ୍ୱେଦର

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଆସନ୍ତାକାଲି ଘୂର୍ଣ୍ଣିଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଏହି ଘୂର୍ଣ୍ଣିଝଡ଼ ଉତ୍ତରପଶ୍ଚିମ ଆଡକୁ ଗତିକରି ମଙ୍ଗଳବାର ସୁଦ୍ଧା ଅଧିକ ଗଭୀର ହେବାର ସମ୍ଭାବନା ରହିଛି । ଉତ୍ତର-ଉତ୍ତରପଶ୍ଚିମ ଆଡକୁ ଗତିକରି ଘୂର୍ଣ୍ଣିଝଡ଼ 'ମୋନ୍ଥା' ଆନ୍ଧ୍ରପ୍ରଦେଶର ମଛଲିପଟନମ ଏବଂ କଳିଙ୍ଗପଟନମ ମଧ୍ୟରେ କାକିନାଡାଠାରେ ଉପକୂଳ ଅତିକ୍ରମ କରିବ । ଏହାର ପ୍ରଭାବରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶ, ୟାନମ, ତେଲେଙ୍ଗାନା, ଦକ୍ଷିଣଓଡ଼ିଶା ଉପକୂଳ,

ଛତିଶଗଡ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳରେ ଝଡ଼ପବନ ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି । ମତ୍ସ୍ୟଜୀବୀଙ୍କୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ସମୁଦ୍ର ମଧ୍ୟରେ ଥିବା ମତ୍ସ୍ୟଜୀବୀଙ୍କୁ ମଧ୍ୟ ଯଥାଶୀଘ୍ର ଉପକୂଳକୁ ଫେରିଆସିବାକୁ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଘୂର୍ଣ୍ଣିଝଡ଼ ମୋନ୍ଥାର ପ୍ରଭାବକୁ ଦୃଷ୍ଟିରେ ରଖି ଆନ୍ଧ୍ରପ୍ରଦେଶରେ ହାଇଆଲର୍ଟ ଜାରି କରାଯାଇଛି । ଆସନ୍ତାକାଲିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ଘୂର୍ଣ୍ଣିଝଡ଼ର ମୁକାବିଲା ପାଇଁ ବିଭିନ୍ନ ସ୍ତରରେ ପ୍ରସ୍ତୁତି ଚାଲିଛି ବୋଲି ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ କୁହାଯାଇଛି ।

## କ୍ରିକେଟ୍‌-ଓମେନ୍‌ ୱାର୍ଲ୍ଡକପ

ଆଇସିସି ମହିଳା ବିଶ୍ୱକପ ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଆଜିର ପ୍ରଥମ ମ୍ୟାଚ୍‌ ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଜାରି ରହିଛି । ବିଶାଖାପଟନମର **ACA-VDCA** କ୍ରିକେଟ ଷ୍ଟାଡିୟମଠାରେ ଚାଲିଥିବା ଏହି ମ୍ୟାଚ୍‌ରେ ଟସ୍‌ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନ୍ୟୁଜିଲାଣ୍ଡ ସମସ୍ତ ୱିକେଟ୍‌ ହରାଇ ୧୬୮ରନ୍‌ ସଂଗ୍ରହ କରିଛି ।

ଦ୍ୱିତୀୟ ମ୍ୟାଚ୍‌ରେ ଆଜି ଭାରତ ଏବଂ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ନବିମୁମ୍ବାଇସ୍ଥିତ ଡକ୍ଟରେ ଡିୱାଇ ପାଟିଲ ସ୍ପୋର୍ଟ୍‌ସ ଏକାଡେମୀରେ

ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଖେଳାଯିବ । ବିଶ୍ୱକପ୍ ପ୍ରତିଯୋଗିତାରେ ଆସନ୍ତା ୨୯ ତାରିଖରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ୩୦ ତାରିଖରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।